# NATIONAL NEWS BULLETIN (ODIA)

## 19 May - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଓସ୍ଲୋ ଠାରେ ତୃତୀୟ ଭାରତ ନୋର୍ଡିକ୍ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ।

– ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଯିବେ ଇଟାଲୀ ।

- ଛତିଶଗଡ଼ର ବସ୍ତର ଡିଭିଜନ୍ ଆଗାମୀ ୫ ବର୍ଷ ମଧ୍ୟରେ ଦେଶର ସବୁଠାରୁ ବିକଶିତ ଆଦିବାସୀ ଅଞ୍ଚଳରେ ପରିଣତ ହେବ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଅନୁଷ୍ଠିତ ।

– ଦେଶ ବ୍ୟାପି ଆସନ୍ତା ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ କ୍ଷେତ୍ ବଚାଓ ଅଭିଯାନ, କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଘୋଷଣା ।

- ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ନେଇ ନୂଆଦିଲ୍ଲୀଠାରେ ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପର୍ ଜାଏଣ୍ଟସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ରାଜସ୍ଥାନ ରୟାଲ୍ସ ।

## ପିଏମ୍-ନୋର୍ଡିକ୍ ସମିଟ୍

ନରଓ୍ୱେ ରାଜଧାନୀ ଓସ୍‌ଲୋଠାରେ ତୃତୀୟ ଭାରତ-ନୋର୍ଡିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମତେ ନରଓ୍ୱେ, ସୁଇଡେନ୍, ଆଇସ୍‌ଲାଣ୍ଡ, ଫିନ୍‌ଲାଣ୍ଡ ଏବଂ ଡେନ୍‌ମାର୍କର ପ୍ରଧାନମନ୍ତ୍ରୀ ଗଣ ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ଡେନ୍‌ମାର୍କର କୋପେନ୍‌ହେଗେନ୍‌ଠାରେ ୨୦୨୨ ମସିହାରେ ଅନୁଷ୍ଠିତ ପୂର୍ବ ଶିଖର ସମ୍ମିଳନୀର ନିର୍ଯାସ ପରିପ୍ରେକ୍ଷୀରେ ଏହି ସମ୍ମିଳନୀରେ ଭାରତ ଏବଂ ନୋର୍ଡିକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରୀଭୂତ ରହିଛି ।

ପ୍ରଯୁକ୍ତିବିଦ୍ୟା, ନବସୃଜନ, ନିରନ୍ତରତା, ନବୀକରଣୀୟ ଶକ୍ତି ଏବଂ ଡିଜିଟାଇଜେସନ୍ କ୍ଷେତ୍ରଗୁଡ଼ିକ ଉପରେ ଏହି ବୈଠକରେ ମତବିନିମୟ ହୋଇଛି । ବାଣିଜ୍ୟ ଏବଂ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ବଳବତ୍ତର ରହିଥିବା ବେଳେ ଏଭଳି ସମ୍ମିଳନୀରେ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ନୋର୍ଡିକ୍ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ବର୍ତ୍ତମାନ ପ୍ରାୟ

୧୯ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଶିଖର ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଇସ୍‌ଲାଣ୍ଡ, ଫିନ୍‌ଲାଣ୍ଡ ଏବଂ ଡେନ୍‌ମାର୍କ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ପଞ୍ଚ ରାଷ୍ଟ୍ର ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆଜି ନରୱେରୁ ଇଟାଲୀ ଅଭିମୁଖେ ଯାତ୍ରା କରିବେ । ଦୁଇ ଦିନିଆ ଏହି ଇଟାଲୀ ଗସ୍ତ ଅବସରରେ ଶ୍ରୀ ମୋଦୀ କେତେକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ବ୍ୟକ୍ତିଗତ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି । ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟ ନେଇ ଶ୍ରୀ ମୋଦୀ କେତେକ ଆଲୋଚନା ବୈଠକରେ ଅଂଶଗ୍ରହଣ କରିବେ ।

## ଅମିତ ଶାହା-ଛତିଶଗଡ଼ ଭିଜିଟ୍

ଛତିଶଗଡ଼ର ବସ୍ତର ଡିଭିଜନ୍ ଆଗାମୀ ୫ ବର୍ଷ ମଧ୍ୟରେ ଦେଶର ସବୁଠାରୁ ବିକଶିତ ଆଦିବାସୀ ଅଞ୍ଚଳରେ ପରିବର୍ତ୍ତିତ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଜଗଦଲପୁରରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଶାହା ଆଜି କହିଛନ୍ତି, ୨୦୩୧ ସୁଦ୍ଧା ବସ୍ତରବାସୀଙ୍କ ହାରାହାରି ଆୟ ୬ ଗୁଣକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ବସ୍ତରକୁ ନକ୍ସଲବାଦ ମୁକ୍ତ କରିବା ପରେ କେନ୍ଦ୍ର ଓ ଛତିଶଗଡ଼ ସରକାର ମିଳିତ

ଭାବରେ ଆଗାମୀ ୫ ବର୍ଷ ମଧ୍ୟରେ ଏହି ଅଞ୍ଚଳର ବିକାଶ ପାଇଁ ଏକ ବିସ୍ତୃତ ରୂପରେଖ ପ୍ରସ୍ତୁତ କରିଛନ୍ତି ।

**VO-1-AMIT-SHAH-LIVE**

ଜଗଦଲପୁରଠାରେ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ୨୬ତମ କେନ୍ଦ୍ରୀୟ ଜୋନାଲ୍ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତିଶଗଡ଼ ସମେତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ର ସଚିବ, ସି.ବି.ଆଇ. ନିର୍ଦ୍ଦେଶକ ଏବଂ ଏହି ରାଜ୍ୟଗୁଡ଼ିକର ପୁଲିସ୍ ଓ ପ୍ରଶାସନିକ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ ।

## ଏସ୍‌ସି-ୟୁଥେନ୍‌ସିଆ ଟୁ ଡଗ୍

ବୁଲା କୁକୁରଙ୍କ ସ୍ଥାନାନ୍ତର ଏବଂ ବନ୍ଧ୍ୟା କରଣ ସମ୍ପର୍କିତ ପୂର୍ବ ନିର୍ଦ୍ଦେଶକୁ ସୁପ୍ରିମ୍‌କୋର୍ଟ୍ ବଳବତ୍ତର ରଖିଛନ୍ତି । ଏହାକୁ ପ୍ରତ୍ୟାହାର ନେଇ ହୋଇଥିବା ଆବେଦନଗୁଡ଼ିକୁ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆଙ୍କ ପୀଠ ଖାରଜ କରିଦେଇଛନ୍ତି ।

ମଣିଷ ଜୀବନ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ୍ ଦୂରାରୋଗ୍ୟ ବ୍ୟାଧିଗ୍ରସ୍ତ ଏବଂ ପାଗଳ କୁକୁରଙ୍କ କ୍ଷେତ୍ରରେ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ପ୍ରଥମଥର ପାଇଁ ସୁପ୍ରିମ୍‌କୋର୍ଟ୍ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ଦେଶ ବ୍ୟାପି ବୃଦ୍ଧି ପାଉଥିବା

ବୁଲାକୁକୁରଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ନେଇ କୋର୍ଟ୍ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଆବଶ୍ୟକ ସ୍ଥଳେ ପୌର ସଂସ୍ଥାଗୁଡ଼ିକ ସେହି ନିଜ ଅଞ୍ଚଳରେ ବୁଲା କୁକୁରଙ୍କ ପାଇଁ ଇଚ୍ଛା ମୃତ୍ୟୁର ଆଶ୍ରୟ ନେଇପାରିବେ ବୋଲି କୋର୍ଟ୍ ସ୍ପଷ୍ଟ କରିଛନ୍ତି । ବାରମ୍ବାର କୁକୁର କାମୁଡ଼ା କିମ୍ବା କୁକୁରଙ୍କର ଆକ୍ରମଣ ଯୋଗୁଁ ଜନସାଧାରଣଙ୍କ ସୁରକ୍ଷା ବିପଦରେ ପଡ଼ିଥାଏ । ନୂଆଦିଲ୍ଲୀରେ ପିଲାମାନଙ୍କୁ ବୁଲା କୁକୁର କାମୁଡ଼ିବା ଏବଂ କୁକୁର କାମୁଡ଼ା ଜନିତ ରୋଗ ଭୟକୁ ଦୃଷ୍ଟିରେ ରଖି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ୍‌କୁ ସୁପ୍ରିମ୍‌କୋର୍ଟ୍ ନିଜ ଆଡୁ ଗତ ବର୍ଷ ଜୁଲାଇ ୨୮ ତାରିଖରେ ବିଚାର ପାଇଁ ଗ୍ରହଣ କରିଥିଲେ । ଖଣ୍ଡପୀଠ କହିଛନ୍ତି, କୁକୁର କାମୁଡ଼ା ଜନିତ ବିପଦରୁ ମୁକ୍ତ ଭାବରେ ସମାଜରେ ଚଳପ୍ରଚଳ କରିବା ତଥା ସମ୍ମାନର ସହିତ ସମାଜରେ ବଞ୍ଚିବାର ସମସ୍ତଙ୍କର ଅଧିକାର ରହିଛି ।

## କୃଷି ସମ୍ମିଳନୀ-ଶିବରାଜ

ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସମ୍ମିଳନୀ ପରେ ଭୁବନେଶ୍ୱରରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି, ମାଟିର ସୁରକ୍ଷା ପାଇଁ ଦେଶବ୍ୟାପୀ ଆସନ୍ତା ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ 'କ୍ଷେତ୍ ବଚାଓ' ଅଭିଯାନ କାର୍ଯ୍ୟକାରୀ ହେବ । ଏଥିରେ

ଚାଷୀମାନଙ୍କୁ ସନ୍ତୁଳିତ ସାର ବ୍ୟବହାର ପାଇଁ ସଚେତନ କରାଯିବ। ଏହା ସହ କେବଳ ଧାନ ବା ଗହମ ଚାଷ ନ କରି ମାଟିର ମାନ ବଜାୟ ରଖିବାକୁ କୃଷି ବିବିଧିକରଣ ଉପରେ ଗୁରୁତ୍ୱ ଦିଆଯିବ।

**VO**

ଶ୍ରୀ ଚୌହ୍ୱାନ କହିଛନ୍ତି, ପ୍ରତ୍ୟେକ ଚାଷୀଙ୍କର ଏକ ସ୍ୱତନ୍ତ୍ର ଡିଜିଟାଲ ପରିଚୟପତ୍ର ପ୍ରସ୍ତୁତ କରାଯାଉଛି। ଏହା ମାଧ୍ୟମରେ ଚାଷୀଙ୍କ ଜମି, ଫସଲ, ସରକାରୀ ଯୋଜନା ଓ ଋଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ।

ଏହା ପୂର୍ବରୁ କୃଷି ସମ୍ମିଳନୀରେ ଯୋଗଦେଇ ଶ୍ରୀ ଚୌହ୍ୱାନ କହିଥିଲେ, ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଚାଷୀଙ୍କ ବିକାଶ ପାଇଁ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ। ପ୍ରାକୃତିକ କୃଷି ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ରାଜ୍ୟରେ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିଶମର ଖାଦ୍ୟଶସ୍ୟଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକସ୍ତରରେ ସ୍ୱତନ୍ତ୍ର ପ୍ରୟାସ କରାଯାଉଛି।

ସମ୍ମିଳନୀରେ ୫ଟି ରାଜ୍ୟର କୃଷିର ବିକାଶ ପାଇଁ ରୂପରେଖ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଯାଇଛି।

# ନିଟ୍-ପ୍ରଧାନ

ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ପ୍ରସ୍ତୁତି ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଏବଂ ସ୍ୱଚ୍ଛତାର ସହ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ମନ୍ତ୍ରୀ କହିଛନ୍ତି, ଏହି ପରୀକ୍ଷା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ସ୍ୱଚ୍ଛତାର ସହ ସମ୍ପନ୍ନ କରାଯିବ । ଆଲୋଚନାରେ ସମସ୍ତ ରାଜ୍ୟର ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଆରକ୍ଷୀ ଅଧିକ୍ଷକ ଏହାକୁ ତଦାରଖ କରିବେ ଏବଂ ପରୀକ୍ଷା ପ୍ରସ୍ତୁତି ନେଇ ସମ୍ପୂର୍ଣ୍ଣ ସହଯୋଗ  କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

ଅନ୍ୟ ପକ୍ଷରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା – ସି.ବି.ଆଇ. ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ମହାରାଷ୍ଟ୍ର ଲାଟୁର୍ ଜିଲ୍ଲାର ରେଣୁକାଇ କେମେଷ୍ଟ୍ରି କ୍ଲାସେସ୍ କୋଚିଂ  ସେଣ୍ଟର ଉପରେ ଚଢ଼ାଉ କରି କେତେକ ଦସ୍ତାବିଜ୍ ଜବତ କରିଛି ।

# ରିଜିଜୁ-ମାନୋରିଟି କନ୍‌ଫରେନ୍ସ

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ସଂଖ୍ୟାଲଘୁମାନଙ୍କର ବିଭିନ୍ନ ସମସ୍ୟା ଏବଂ ଅଭିଯୋଗଗୁଡ଼ିକର ସମାଧାନ

କରିବା ପାଇଁ ରାଜ୍ୟ ସଂଖ୍ୟାଲଘୁ ଆୟୋଗଙ୍କୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ରାଜ୍ୟ ସଂଖ୍ୟାଲଘୁ କମିଶନ୍‌ଙ୍କ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ରିଜୁଜୁ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ସରକାର ଦେଶର ସମସ୍ତ ନାଗରିକଙ୍କର ଉନ୍ନତି ଏବଂ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ – ପି.ଏମ୍.ଜେ.ଭି.କେ. ଏବଂ ପ୍ରଧାନମନ୍ତ୍ରୀ ବିରାସତ୍ କା ସମ୍ବର୍ଦ୍ଧନ୍ – ପି.ଏମ୍. ବିକାଶ ପରି ବିଭିନ୍ନ ଯୋଜନା ମନ୍ତ୍ରଣାଳୟ ପକ୍ଷରୁ ସଂଖ୍ୟାଲଘୁଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଛି । ସେ କହିଛନ୍ତି, କେନ୍ଦ୍ର ସରକାର ରାଜ୍ୟ ସଂଖ୍ୟାଲଘୁ କମିଶନ୍‌ଙ୍କୁ ଏ ସମ୍ପର୍କରେ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି । ଏହି ଅବସରରେ ସଂଖ୍ୟାଲଘୁ ରାଷ୍ଟ୍ରମନ୍ତ୍ରୀ ଜର୍ଜ୍ କୁରିୟାନ୍ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂଖ୍ୟାଲଘୁଙ୍କ ପାଇଁ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଛନ୍ତି, ପି.ଏମ୍.ଜେ.ଭି.କେ. ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ଭିତ୍ତିଭୂମି ସମ୍ପର୍କିତ ସମସ୍ୟାକୁ ଦୂର କରୁଥିବା ବେଳେ ପି.ଏମ୍. ବିକାଶ/ସଂଖ୍ୟାଲଘୁମାନଙ୍କୁ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତ କରୁଛି । ସମସ୍ତ ରାଜ୍ୟଗୁଡ଼ିକ ଏହିସବୁ ଯୋଜନାଗୁଡ଼ିକୁ କାର୍ଯ୍ୟକାରି କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ଜୟପୁର ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲ୍‌ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

# ଇଣ୍ଡିଆ-ଟେଷ୍ଟ ସ୍କ୍ୱାର୍ଡ୍

ଆଫ୍‌ଗାନିସ୍ତାନ ବିରୁଦ୍ଧରେ ଭାରତ ଖେଳିବାକୁ ଥିବା ଟେଷ୍ଟ ଏବଂ ଏକଦିବସୀୟ ମ୍ୟାଚ୍ ପାଇଁ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ – ବି.ସି.ସି.ଆଇ. ଦଳ ଘୋଷଣା କରିଛି । ଆଫ୍‌ଗାନିସ୍ତାନ ବିପକ୍ଷରେ ଜୁନ୍ ୬ ତାରିଖରେ ମୁଲାନ୍‌ପୁରରେ ଟେଷ୍ଟ ମ୍ୟାଚ୍ ଏବଂ ଏହା ପରେ ଧର୍ମଶାଳା, ଲକ୍ଷ୍ନୌ ଏବଂ ଚେନ୍ନାଇରେ ତିନୋଟି ଆନ୍ତର୍ଜାତିକ ଏକଦିବସୀୟ ମ୍ୟାଚ୍ ଖେଳାଯିବ । ଶୁଭମନ ଗିଲ୍‌ଙ୍କୁ ଉଭୟ ଟେଷ୍ଟ ଏବଂ ଏକଦିବସୀୟ ମ୍ୟାଚ୍‌ଗୁଡ଼ିକରେ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି । ଟେଷ୍ଟ ଦଳରେ କେ.ଏଲ୍. ରାହୁଲଙ୍କୁ ଏବଂ ଏକଦିବସୀୟ ମ୍ୟାଚ୍ ଗୁଡ଼ିକ ପାଇଁ ଶ୍ରେୟସ୍ ଆୟରଙ୍କୁ ଉପଅଧିନାୟକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ଯଶପ୍ରୀତ ବୁମ୍‌ରା ଏବଂ ରବୀନ୍ଦ୍ର ଜାଡେଜାଙ୍କୁ ଏହି ସିରିଜ୍ ପାଇଁ ବିଶ୍ରାମ ଦିଆଯାଇଛି । ସ୍ପିନର୍ ମାନବ ସୁଥାର୍ ଏବଂ ଦ୍ରୁତ ବୋଲର ଗୁର୍‌ନୁର୍ ବ୍ରାର୍

ପ୍ରଥମଥର ପାଇଁ ଟେଷ୍ଟ ଦଳରେ ସାମିଲ ହୋଇଥିବା ବେଳେ ପ୍ରିନ୍ସ ଯାଦବ ଏକଦିବସୀୟ ଦଳରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।